FEEDDEN.COM



# ତଲୱାର ଏବଂ ଢାଲ



ସହରାକୁ ସହରାକୁ ଜଣେ କମାର ବାହାରକୁ ବାହାରିଲା । ରାସ୍ତାରେ ଦୁଇ ଦୁଇ ଖଣ୍ଡ ଲୁହା ପାଇଲା ଓ ସେ ଦୁଇ ଖଣ୍ଡ ଲୁହା ଘରକୁ ନେଇଗଲା । କମାର ଦିନେ କମାର ଶାଳରେ ଗୋଟିଏ ଲୁହାରେ ତଲୱାର ଓ ଅନ୍ୟଟିରେ ଢାଲଟିଏ ତିଆରି କଲା ।

କିଛି ଦିନ ପରେ ଜଣେ ଯୋଦ୍ଧା ଆସି ଢାଲ ଓ ତଲୱାରକୁ କିଣିନେଇ ନେଇଗଲା । ବହୁ ଯୁଦ୍ଧରେ ଯୋଦ୍ଧା ଜଣକ ଢାଲ ଓ ତଲୱାର ବ୍ୟବହାର କଲା । ଥରେ ଯୁଦ୍ଧ କରୁ କରୁ ତଲୱାରଟି ଦୁଇ ଖଣ୍ଡ ହୋଇଗଲା କିନ୍ତୁ ଢାଲ ଯାହାକୁ ଯେମିତି ଥିଲା ସେମିତି ରହିଥିଲା । ଭାଙ୍ଗି ଯାଇଥିବା ତଲୱାର ଓ ଢାଲକୁ ନେଇ ଯୋଦ୍ଧା ଘରେ ପାଖାପାଖି ରଖିଦେଲା ।

ରାତିର ନୀରବ ପ୍ରହର ଭିତରେ ସମସ୍ତେ ଶୋଇଗଲେ । ଧୀର କଣ୍ଠରେ ତଲୱାର କହିଲା, ତୁମେ ତ ସେମିତି ଅଛ, ମୋର ଏଭଳି ଦୁର୍ଦ୍ଦଶା କାହିଁକି ହେଲା ?

ଢାଲ କହିଲା, 'ଆମ ଦୁହିଁଙ୍କ ଭିତରେ ଅଛି ପାର୍ଥକ୍ୟ' ।

ତଲୱାର କହିଲା କାରଣଟି କଣ ?

ଢାଲ କହିଲା 'ତୁ ସବୁବେଳେ ମାରିବା କାଟିବା କାମରେ ରହୁଥିଲୁ ମୁଁ ବଞ୍ଚାଇବା କାମରେ ରହିଲି' ।

ମନେରଖ ତଲୱାର, ମାରିବା ଲୋକଠାରୁ ବଞ୍ଚାଇବା ବାଲା ବଡ଼ଯାଏ,
ଯେ ପରୋପକାରୀ ସେ ବଡ଼ଯାଏ
ଯେ ପରର ଅନିଷ୍ଟକାରୀ ସେ ଛୋଟଯାଏ ।

FeedDen.Com

# ବାଣୀ ସଂଯମ

ମହାଭାରତ ରଚନାର ଶେଷ ଶ୍ଲୋକ ମହର୍ଷି ବ୍ୟାସ କରିସାରିବା ପରେ ଗଣେଶ ତାହା ଭୋଜ ପତ୍ରରେ ଲେଖିଦେଲେ। ମହର୍ଷି କହିଲେ, ବିଘ୍ନେଶ୍ୱର ତୁମେ ଧନ୍ୟ, ତୁମର ଲେଖନୀ ଧନ୍ୟ। କିନ୍ତୁ ସବୁଠୁ ବିସ୍ମୟକାରି କଥାଟି ହେଲା, ଆପଣଙ୍କ ମୌନବ୍ରତ। ଦୀର୍ଘ ଦିନ ତୁମେ ମୋ ପାଖରେ ରହିଲ। ଏହି ସମୟ ମଧ୍ୟରେ ମୁଁ ଲକ୍ଷ ଲକ୍ଷ ଶବ୍ଦ କହିଛି ହେଲେ ଆପଣଙ୍କ ମୁହଁରୁ ଗୋଟିଏ ହେଲେ ଶବ୍ଦ ଶୁଣିପାରିଲି ନାହିଁ।

ଏହି ପ୍ରସଙ୍ଗରେ ଗଣେଶ କହିଲେ, କୌଣସି ଦ୍ୱୀପରେ ଅଧିକ ତେଲ ଅଛି ତ ଆଉ କେଉଁ ଦ୍ୱୀପରେ କମ୍। କିନ୍ତୁ କୌଣସି ଦ୍ୱୀପରେ ତେଲର ଅସରନ୍ତି ଭଣ୍ଡାର ନାହିଁ। ସେହିଭଳି ଦେବ,ଦାନବ, ଆଦି ଜେତେ ଦେହଧାରୀ ଅଛନ୍ତି ସମସ୍ତଙ୍କର ପ୍ରାଣ ଶକ୍ତି ସୀମିତ ଅଟେ। କାହାର କମ, କାହାର କଷ୍ଟ ଅଧିକ କିନ୍ତୁ ଅସିମ କାହାରି ନୁହେଁ।

ଏହି ପ୍ରାଣ ଶକ୍ତିର ପୂରା ଲାଭ ସେହି ପାଇଥାଏ ଯିଏ ସଂଜମତା ଅବଲମ୍ବନ କରେ। ସଂଜମତା ହିଁ ମସସ୍ତ ଶକ୍ତିର ଆଧାର। ଏହି ସଂଯମର ପ୍ରଥମ ପାହାଚ ହେଲା ବାଣୀ ସଂଯମ।

ବାଣୀ ସଂଯମ ଫଳରେ ଅନର୍ଥ ପରମ୍ପରାର ବିଲୟ ଘଟେ। ତେଣୁ ମୁଁ ମୌନ ଅବଲମ୍ବନ କରୁଅଛି। Feedden.com